بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୩ ଜାନୁଆରୀ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଈଶ୍ୱରପ୍ରେମର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଅଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ପବିତ୍ର ଜୀବନୀର ଆଲୋଚନା ଚାଲିଥିଲା । ଗତ ଖୁତ୍‌ବାରେ ମୁଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଈଶ୍ୱରପ୍ରେମ ସଂକ୍ରାନ୍ତରେ ବର୍ଣ୍ଣନା କରିଥିଲି । ଏହି ପରିପ୍ରେକ୍ଷୀରେ ଆଜି ଅତିରିକ୍ତ ଚର୍ଚ୍ଚା କରିବି, ହୁଜୁର[ସ.ଅ]ଙ୍କ ଉପାସନା ଶୈଳୀ ଓ ତାହାର ସୌନ୍ଦର୍ଯ୍ୟ ତଥା ଅନୁପମ, ଅନନ୍ୟତା ସଂକ୍ରାନ୍ତରେ କିଛି କଥା ପୂର୍ବରୁ ବର୍ଣ୍ଣନା କରିଥିଲି । ଆଜି ମଧ୍ୟ ପବିତ୍ର ହଦିସ୍ ଗ୍ରନ୍ଥ ମାଧ୍ୟମରେ ଓ ହଜରତ ମସିହ ମଉଦ[ଅ.ସ] ଯେପରି ମହାଭାଗଙ୍କ ଶ୍ରେଷ୍ଠତ୍ୱ ଓ ଉଚ୍ଚାସନ ତଥା ଈଶ୍ୱରପ୍ରେମର ନକ୍ସା ଅଙ୍କନ କରିଛନ୍ତି, ସେଥିରୁ କିଛି ପ୍ରାମାଣ୍ୟ ଉପସ୍ଥାପନ କରିବି ।

ହଜରତ ହୁଜେଫାଃ[ର.ଅ] ବର୍ଣ୍ଣନା କରନ୍ତି, ଏକଦା ରାତିରେ ମୁଁ ହୁଜୁର[ସ.ଅ]ଙ୍କ ସାଥିରେ ନମାଜ ପାଠ କଲି । ସେତେବେଳେ ମହାଭାଗ ସୁରଃ ବକରାଃ ପାଠ କରିବା ଆରମ୍ଭ କଲେ । ମୁଁ ଚିନ୍ତା କଲି ସମ୍ଭବତଃ ହୁଜୁର[ସ.ଅ] ୧୦୦ଆୟତ ପାଠ କରି ରୁକୁ କରିବେ । କିନ୍ତୁ ହୁଜୁର ତା' ଠାରୁ ଆଗକୁ ବଢ଼ିଗଲେ, ପୁନଶ୍ଚ ମୁଁ ଚିନ୍ତା କଲି ସମ୍ଭବତଃ ହୁଜୁର[ସ.ଅ] ଏହି ସୁରଃ ସମ୍ପୂର୍ଣ୍ଣ କରି ରୁକୁ କରିନେବେ । କିନ୍ତୁ ପୁଣ୍ୟଶ୍ଲୋକ ଆହୁରି ଆଗକୁ ବଢ଼ିଗଲେ । ତା'ପରେ ମହାଭାଗ ସୁରଃ ନିସା ଆରମ୍ଭ କଲେ ଓ ତାହାକୁ ମଧ୍ୟ ସମାପ୍ତ କରି ସୁରଃ ଆଲେ ଇମ୍ରାନ୍ ଆରମ୍ଭ କରିଦେଲେ । ହୁଜୁର[ସ.ଅ] ଉକ୍ତ ସୁରଃଗୁଡ଼ିକୁ ଖୁବ୍ ଧୀର ସ୍ୱରରେ ଓ ରହି ରହି ପାଠ କଲେ । ଯେତେବେଳେ ହୁଜୁର[ସ.ଅ] ଏପରି ଆୟତରେ ପହଞ୍ଚୁ ଥିଲେ ଯହିଁରେ ଈଶ୍ୱରଙ୍କ ପ୍ରଶଂସା କରାଯାଇଛି, ସେଠାରେ ମହାଭାଗ ଅଲ୍ଲାଃଙ୍କ ମହିମା ଓ ଗୁଣଗାନ କରୁଥିଲେ । ଆଉ ଯେତେବେଳେ ପ୍ରଭୁଙ୍କ ଠାରୁ କୌଣସି (କରୁଣା) ଭିକ୍ଷା କରିବା ଆୟତରେ ପହଞ୍ଚୁ ଥିଲେ, ସେଠାରେ ଅଲ୍ଲାଃଙ୍କ ଅନୁଗ୍ରହ ଭିକ୍ଷା କରୁଥିଲେ । ପୁଣି ଯେତେବେଳେ ଏପରି ଆୟତରେ ପହଞ୍ଚୁ ଥିଲେ, ଯହିଁରେ ଈଶ୍ୱରଙ୍କ ଶରଣ ଭିକ୍ଷା କରାଯାଇଛି, ସେଠାରେ ଈଶ୍ୱରଙ୍କ ଶରଣ ଭିକ୍ଷା କରୁଥିଲେ । ତା'ପରେ ହୁଜୁର[ସ.ଅ] ରୁକୁ କଲେ ଓ କହିଲେ; ସୁବ୍‌ହାନା ରବ୍‌ବିୟଲ୍ ଅଜିମ୍ ଅର୍ଥାତ୍ ପବିତ୍ର ମୋର ପାଳନକର୍ତ୍ତା ଓ ଅତି ମହାନ । ମହାଭାଗଙ୍କ ରୁକୁ ତାଙ୍କର କୟାମ୍ (ଦଣ୍ଡାୟମାନା) ପରି ସୁଦୀର୍ଘ ଥିଲା । ସେଥିଅନ୍ତେ ହୁଜୁର[ସ.ଅ] ସମିଅଲ୍ଲାଃ ହୁଲେମାନ୍ ହମେଦାଃ କହିଲେ ଅର୍ଥାତ୍ ଅଲ୍ଲାଃ ତାହାର (ଗୁହାରି) ଶୁଣିନେଲେ, ଯିଏକି ତାଙ୍କର ପ୍ରଶଂସା ଗାନ କଲା । ପୁନଶ୍ଚ ହୁଜୁର[ସ.ଅ] ଦୀର୍ଘ ସମୟ ପର୍ଯ୍ୟନ୍ତ କୟାମ୍ କଲେ, ଯାହାକି ମହାଭାଗଙ୍କ ରୁକୁ ପରି ସୁଦୀର୍ଘ ଥିଲା । ପୁନଶ୍ଚ ମହାଭାଗ ସଜ୍‌ଦାଃ କଲେ ଓ କହିଲେ; ସୁବ୍‌ହାନା ରବ୍‌ବିୟଲ୍ ଆ'ଲା ଅର୍ଥାତ୍ ପବିତ୍ର ମୋର ପାଳନକର୍ତ୍ତା, ଅତ୍ୟନ୍ତ ଗୌରବଶାଳୀ । ମହାଭାଗଙ୍କ ସଜ୍‌ଦାଃ ମଧ୍ୟ ତାଙ୍କ କୟାମ୍ ପରି (ଦୀର୍ଘ) ଥିଲା ।

ଏହିପରି ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ଏକଦା ରାତ୍ରିରେ ମହାଭାଗ ପବିତ୍ର କୁରଆନର ଗୋଟିଏ ଆୟତ ଆବୃତ୍ତି କରି କୟାମ୍ କଲେ । ଏପରି ସ୍ଥଳେ (ଅର୍ଥାତ୍ ପ୍ରସଙ୍ଗରେ) ସାହାବା[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ]

ଅନେକ ଲମ୍ବା ଲମ୍ବା ସୁରଃ ପାଠ କରୁଥିଲେ, କିନ୍ତୁ ଏଠାରେ ଗୋଟିଏ ଆୟତ ଆବୃତ୍ତି କରି ଦୀର୍ଘ ସମୟ ପର୍ଯ୍ୟନ୍ତ କୟାମ୍ କଲେ । ଏହିପରି ଅବୁଜର୍[ର.ଅ] ବର୍ଣ୍ଣନା କଲେ ଯେ ନବୀ[ସ.ଅ] ଉପାସନା ସକାଶେ ଛିଡ଼ା ହେଲେ ଓ ପ୍ରାତଃକାଳ ପର୍ଯ୍ୟନ୍ତ ଗୋଟିଏ ଆୟତ ବାରମ୍ବାର ଆବୃତ୍ତି କଲେ, ଯେ ହେ ପ୍ରଭୁ ! ଯଦି ତୁମ୍ଭେ ସେମାନଙ୍କୁ ଶାସ୍ତି ଦିଅ ତେବେ ସେମାନେ ତ ତୁମ୍ଭର ଭକ୍ତ । କିନ୍ତୁ ଯଦି ତୁମ୍ଭେ ତାଙ୍କୁ କ୍ଷମା କରିଦିଅ ତେବେ ନିଶ୍ଚିତ ରୂପେ ତୁମ୍ଭେ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।

ପୁନଶ୍ଚ ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ କାଳରେ ସୂର୍ଯ୍ୟ ଗ୍ରହଣ ହେଲା, ଅତଏବ ହୁଜୁର[ସ.ଅ] (ନମାଜ କୁସୁଫ୍) ପାଠ କରାଇଲେ । ଆଉ ମହାଭାଗ ଦୀର୍ଘ ସମୟ ପର୍ଯ୍ୟନ୍ତ କୟାମ୍ କଲେ, ରୁକୁ ଓ ସଜ୍‌ଦାଃ କରିବା ପରେ ଯେତେବେଳେ ନମାଜ ଶେଷ କଲେ ସେତେବେଳକୁ ସୂର୍ଯ୍ୟର ଆଲୋକ ଚର୍ତୁପାର୍ଶ୍ୱରେ ବିଚ୍ଛୁରିତ ରହିଥିଲା । ତା'ପରେ ହୁଜୁର[ସ.ଅ] ଲୋକମାନଙ୍କୁ ଖୁତ୍‌ବା ଦେଲେ । ମହାଭାଗ ଅଲ୍ଲାଃଙ୍କ ମହିମା ଗାନ କଲେ ଏବଂ କହିଲେ; ସୂର୍ଯ୍ୟ ଓ ଚନ୍ଦ୍ର ଅଲ୍ଲାଃତାଲାଙ୍କ ନିଦର୍ଶନ ମଧ୍ୟରୁ ଗୋଟିଏ ଗୋଟିଏ ନିଦର୍ଶନ । **ଏହି ଦ୍ୱୟଟିକୁ କୌଣସି ବ୍ୟକ୍ତିର ମୃତ୍ୟୁ ଓ ଜୀବନ୍ତ ରହିବାରେ ଗ୍ରହଣ ଲାଗି ନଥାଏ** । ସୁତରାଂ ଯେତେବେଳେ ତୁମେ ଏହି ଦୁଇଟିକୁ ଦେଖ ତେବେ ଅଲ୍ଲାଃତାଲାଙ୍କ ଶ୍ରେଷ୍ଠତା ବଖାଣ । ଅଲ୍ଲାଃତାଲାଙ୍କ ଛାମୁରେ ପ୍ରାର୍ଥନା କର, ନମାଜ ପାଠ କର ଓ ସଦ୍‌କା ଦିଅ । ପୁନଶ୍ଚ କହିଲେ; ହେ ମୁହମ୍ମଦ[ସ.ଅ]ଙ୍କ ସମ୍ପ୍ରଦାୟ ! କୌଣସି ବ୍ୟକ୍ତି ଅଲ୍ଲାଃତାଲାଙ୍କ ଠାରୁ ଅଧିକ ସ୍ୱାଭିମାନ ନୁହେଁ, ଏପରିକି ତାଙ୍କର ଭକ୍ତ କୁକର୍ମ କରୁ ଅବା ତାଙ୍କ ମହିଳା ଭକ୍ତ କୁକର୍ମ କରନ୍ତୁ । ପୁଣି ମହାଭାଗ କହିଲେ; ହେ ମୁହମ୍ମଦ[ସ.ଅ]ଙ୍କ ସମ୍ପ୍ରଦାୟ ! ଅଲ୍ଲାଃଙ୍କ ରାଣ ! ଯଦି ତୁମେ ସେସବୁ ଜାଣିନିଅ, ଯାହାକି ମୁଁ ଜାଣିଛି ତେବେ ଖୁବ୍ ରୋଦନ କରିବ ଓ ଖୁବ୍ କମ୍ ଆନନ୍ଦିତ ହେବ । ସେଥିଅନ୍ତେ କହିଲେ; ଶୁଣ ! କ'ଣ ମୁଁ ତୁମମାନଙ୍କ ନିକଟରେ (ସମ୍ବାଦ) ପହଞ୍ଚାଇ ଦେଇଛି ଅର୍ଥାତ୍ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଦେଇଛି ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ସୁତରାଂ ମହାଭାଗ ଅଲ୍ଲାଃତାଲାଙ୍କ ଛାମୁରେ ରୁକୁ କରିବା, ତାଙ୍କର ଉପାସନା କରିବା ଓ ତାଙ୍କ ସମକ୍ଷ ନତମସ୍ତକ ହେବାକୁ ଧ୍ୟାନ ଆକର୍ଷିତ କଲେ । ମହାଭାଗ କହିଲେ; ଏହିଥିରେ ତୁମର ହିତ ଓ ମଙ୍ଗଳ ନିହିତ ରହିଛି ଏବଂ ଏହିଥିରେ ତୁମର ଜୀବିତ ରହିବା ପର୍ଯ୍ୟବସିତ । ଯଦି ତୁମ୍ଭକୁ ଏସବୁ ବିଷୟର ଗହ୍ୱର ଓ ରହସ୍ୟ ସଂକ୍ରାନ୍ତରେ ଜଣା ପଡିଯିବ, ଯେପରି ମୋତେ ଜଣା ଅଛି ତେବେ ତୁମେମାନେ ପ୍ରସନ୍ନିତ ହେବା ପରିବର୍ତ୍ତେ ଅତ୍ୟଧିକ ରୋଦନ କରିବ ଏବଂ ଅଲ୍ଲାଃତାଲାଙ୍କ ଛାମୁରେ ଦୁଆ ପ୍ରାର୍ଥନା କରିବ । ସୁତରାଂ ଏଥିପ୍ରତି ଧ୍ୟାନ ଆକର୍ଷିତ କଲେ ଯେ ଆମମାନଙ୍କୁ ମଧ୍ୟ ଦୁଆ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ କରିବା ଉଚିତ୍ ଏବଂ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କ ସହିତ ବିଶେଷ ସମ୍ପର୍କ ସ୍ଥାପନ କରିବା ଉଚିତ୍ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହିପରି ମହାଭାଗ କୌଣସି ବଡ କାର୍ଯ୍ୟ ଅଲ୍ଲାଃଙ୍କ ବିନା ଅନୁମତିରେ କରୁ ନଥିଲେ । ଯେତେବେଳେ ଅଲ୍ଲାଃତାଲାଙ୍କ ଠାରୁ ଆଦେଶ ମିଳୁଥିଲା ସେତେବେଳେ ଯାଇ ତାହା କରୁଥିଲେ । ବସ୍ତୁତଃ ଆମମାନେ ଦେଖିଥାଉ ଯେ ମକ୍କାବାସୀଙ୍କ ଅସହ୍ୟ ନିର୍ଯ୍ୟାତନା ଓ ଭୀଷଣ ପ୍ରତାଡ଼ନା ସତ୍ତ୍ୱେ ମହାଭାଗ ସେପର୍ଯ୍ୟନ୍ତ ମକ୍କା ସହରକୁ ଛାଡ଼ି ନଥିଲେ, ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ନିକଟରୁ ମହାଭାଗଙ୍କୁ ଓ୍ୱହି ଅବତୀର୍ଣ୍ଣ ହୋଇ ନଥିଲା ଏବଂ ଓ୍ୱହି ମାଧ୍ୟମରେ ଯେପର୍ଯ୍ୟନ୍ତ ମହାଭାଗଙ୍କୁ ମକ୍କା ସହରକୁ ଛାଡ଼ିବାକୁ ଅନୁମତି ମିଳି ନଥିଲା । ମକ୍କାବାସୀଙ୍କ ଅନ୍ୟାୟ ଓ ଭୀଷଣ ଅତ୍ୟାଚାରକୁ ଦେଖି ହୁଜୁର[ସ.ଅ] ଯେତେବେଳେ ସାହାବାମାନଙ୍କୁ ହବ୍‌ସା ଅଭିମୁଖେ ପ୍ରବାସ କରିବାର ଅନୁମତି ଦେଲେ ସେତେବେଳେ ସେମାନେ ମତ ବ୍ୟକ୍ତ କଲେ ହୁଜୁର ଆପଣ ମଧ୍ୟ ଆମମାନଙ୍କ ସହିତ ପ୍ରସ୍ଥାନ କରିଚାଲନ୍ତୁ । ସେତେବେଳେ

ମହାଭାଗ କହିଲେ; **ସର୍ବଶକ୍ତିମାନ ଈଶ୍ୱରଙ୍କ ନିକଟରୁ ଏଯାବତ ମୋତେ ଏହାର ଅନୁମତି ମିଳି ନାହିଁ ।**

ଈଶ୍ୱରପ୍ରେମ ପ୍ରସଙ୍ଗରେ ଏକଦା ମହାଭାଗ ତାଇଫ୍ ଆଡ଼କୁ ଯାତ୍ରା କରି ସେଠାରେ ଯେପରି କ୍ଷତାକ୍ତ ହୋଇଥିଲେ, ତାହାର ବର୍ଣ୍ଣନା ମଧ୍ୟ ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି । ୧୦ନବଓ୍ୱୀରେ ହଜରତ ଅବୁ ତାଲିବ୍‌ଙ୍କର ନିଧନ ହେବା ପରେ ଯେତେବେଳେ ମକ୍କାବାସୀ ହୁଜୁର[ସ.ଅ]ଙ୍କ ଉପରେ ପୁନର୍ବାର ଅତ୍ୟାଚାର ଓ ବର୍ବରତା ଭିଆଇବା ଆରମ୍ଭ କରିଦେଲେ ସେତେବେଳେ ହୁଜୁର[ସ.ଅ] ତାଇଫ୍ ଆଡ଼କୁ ବାହାରି ଯାଇଥିଲେ । ସେଠାରେ ମହାଭାଗ ୧୦ଦିନ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ, ସେହି ଅବଧିରେ ଉକ୍ତ ବସ୍ତିବାସୀନ୍ଦାଙ୍କୁ ଇସଲାମ ଆଡ଼କୁ ଡ଼ାକରା ଦେଲେ । କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ୍ୟ ମହାଭାଗଙ୍କ ନିମନ୍ତ୍ରଣ ସ୍ୱୀକାର କଲେ ନାହିଁ । ସହି ବୁଖାରୀର ବର୍ଣ୍ଣନା ଅନୁଯାୟୀ ହଜରତ ଆଏଶା[ର.ଅ] ହୁଜୁର[ସ.ଅ]ଙ୍କୁ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ[ସ.ଅ] **! କ'ଣ ଓ୍ୱହଦ୍ ଦିନ ଠାରୁ ଅଧିକ କଷ୍ଟକର ଦିନ ମହାଭାଗଙ୍କୁ କଦାପି ସହ୍ୟ କରିବାକୁ ପଡିଛି** ? ଏଥିରେ ହୁଜୁର[ସ.ଅ] ଉତ୍ତର ଦେଲେ ମୋ ପାଇଁ ସେହି ଦିନ ଅତ୍ୟଧିକ ଯନ୍ତ୍ରଣାଦାୟକ ଥିଲା, ଯାହାକି ଅକବାଃ ଦିନରେ ଅର୍ଥାତ୍ ତାଇଫ୍‌ରେ ଯେତେବେଳେ ମୁଁ ନିଜ ପ୍ରାଣ ଇବ୍‌ନେ ଅବି ଅବଦ୍ ଅବା ଲୈଲ୍ ବିନ୍ ଅବ୍‌ଦେ ଲୈଲ୍ ନିକଟରେ ଉପସ୍ଥାପନ କରି ଦେଇଥିଲି । ମୁଁ ଯାହା ଚାହୁଁଥିଲି ସେ ସେପରି ଉତ୍ତର ଦେଇ ନଥିଲା । ସୁତରାଂ ମୁଁ ସେଠାରୁ ବାହାରିଗଲି ଓ ମୁଁ ଚିନ୍ତିତ ଥିଲି । ଆଉ ଚାଲି ଚାଲି ଯେତେବେଳେ କର୍‌ନଲ୍ ସା'ଲିବ୍ ଠାରେ ପହଞ୍ଚିଲି ସେତେବେଳେ ମୋ ମନରୁ ଉକ୍ତ ଚିନ୍ତା ଦୂରେଇ ଗଲା ଏବଂ ମୁଁ ନିଜ ମୁଣ୍ଡ ଉଠାଇବାରୁ ଦେଖିଲି ଯେ ଏକ ବାଦଲ ମୋତେ ଛାୟା କରିଛି । ମୁଁ ଦେଖିଲି ତହିଁରେ ହଜରତ ଜିବ୍ରାଇଲ୍ ରହିଛନ୍ତି, ସେ ମୋତେ ଡ଼ାକ ଦେଇ କହିଲେ; ପରାକ୍ରମୀ ଅଲ୍ଲାଃତାଲା ତୁମ୍ଭ ସଂକ୍ରାନ୍ତରେ ତୁମ୍ଭ ଜାତିର କଥା ଶୁଣି ନେଇଛନ୍ତି ଓ ତୁମ୍ଭ ନିକଟକୁ ପର୍ବତର ଫରିସ୍ତାଙ୍କୁ ପ୍ରେରଣ କରିଛନ୍ତି, ଏବେ ତୁମ୍ଭେ ତାଙ୍କୁ ଯାହା ଇଚ୍ଛା ଆଦେଶ ଦିଅ (ତାହା ସେ କରିବେ) । ତା'ପରେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଏଥିରେ ସେହି ପର୍ବତ ମୋତେ ସମ୍ବୋଧନ କରି ସଲାମ୍ କଲା । ପୁନଶ୍ଚ କହିଲା; ହେ ମୁହମ୍ମଦ ! ଏହି ବିଷୟରେ ଆପଣ ଯାହା ଇଚ୍ଛା ଆଦେଶ ଦିଅନ୍ତୁ । ଯଦି ଆପଣ ଇଚ୍ଛା କରନ୍ତି ତେବେ ମୁଁ ଏହି ଦୁଇ ପର୍ବତକୁ ସେହି ବସ୍ତିବାସୀନ୍ଦାଙ୍କ ଉପରେ ପକାଇ ତାଙ୍କୁ ମାଟିରେ ପୋତି ଦେବି । ଏଥିରେ ପରମ ଦୟାଳୁ ନବୀଶ୍ରେଷ୍ଠ କହିଲେ; 'ନା ! ମୁଁ ଆଶା କରୁଛି ଯେ ପରାକ୍ରମୀ ଅଲ୍ଲାଃ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ ଏପରି ଲୋକ ସୃଷ୍ଟି କରିବେ, ଯେଉଁମାନେ କି ଏକ ଅଲ୍ଲାଃଙ୍କ ଉପାସନା କରିବେ ଓ ତାଙ୍କ ସହିତ କାହାରିକୁ ସମତୁଲ୍ୟ କରିବେ ନାହିଁ ।' ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସୁତରାଂ ମହାଭାଗଙ୍କ ସହାନୁଭୂତି ଏହିସ୍ଥଳେ ମଧ୍ୟ ପ୍ରଭୁତ୍ୱ ବିସ୍ତାର କରିଥିଲା ଓ ହୁଜୁର[ସ.ଅ] ସେହି ଜାତିକୁ ରକ୍ଷା କରି ଦେଇଥିଲେ । ବସ୍ତୁତଃ ସେହିପରି ହିଁ ଘଟିଥିଲା ଅର୍ଥାତ୍ ମକ୍କା ବିଜୟ ସମୟର କିଛି କାଳ ପରେ ସେମାନଙ୍କ ସନ୍ତାନମାନେ ଇସଲାମ ଧର୍ମର ଦୀକ୍ଷା ନେଇଥିଲେ ।

ହଜରତ ମସିହ ମଉଦ[ଅ.ସ] ହୁଜୁର[ସ.ଅ]ଙ୍କ ଗରିମା ଓ ଉଚ୍ଚ ପଦମର୍ଯ୍ୟାଦା ସଂକ୍ରାନ୍ତରେ ବର୍ଣ୍ଣନା କରି କୁହନ୍ତି; ମନୁଷ୍ୟ ମଧ୍ୟରେ ଯିଏ ସର୍ବାଧିକ ଓ ସର୍ବଗୁଣସମ୍ପନ୍ନ, ତାହାକୁ ଯେଉଁ ମହାନ ଜ୍ୟୋତି ପ୍ରଦାନ କରାଯାଇଥିଲା, ତାହା ଫରିସ୍ତାମାନେ ପାଇ ପାରି ନଥିଲେ କି ତାହା ନକ୍ଷତ୍ର ବା ଚନ୍ଦ୍ର ବା ସୂର୍ଯ୍ୟ ଅବା ମହାସାଗର ଓ ନଦନଦୀମାନଙ୍କରେ ନଥିଲା । ଏହା ମର୍କତ ମଣି, ନୀଳକାନ୍ତ ମଣି, ପଦ୍ମରାଗ ମୁକ୍ତାରେ ନଥିଲା । ବସ୍ତୁତଃ ଏହା କୌଣସି ପାର୍ଥିବ କିମ୍ବା ସ୍ୱର୍ଗୀୟ ବସ୍ତୁରେ ନଥିଲା । ଏହା କେବଳ ଜଣେ ମଣିଷ ଠାରେ ଥିଲା ଓ ସେ ଥିଲା ସର୍ବଗୁଣ ସମ୍ପନ୍ନ ମାନବ । **ସେ ଥିଲେ ଆମର ପ୍ରିୟ ମୁନିବ ତଥା ସ୍ୱାମୀ, ଅଲ୍ଲାଃଙ୍କ ମନୋନୀତ**

**ଯୁଗପୁରୁଷ, ସମସ୍ତ ରସୁଲଙ୍କ ମୁଖ୍ୟ ।** ସେ ହେଲେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଯାହାଙ୍କ ବ୍ୟକ୍ତିତ୍ୱ ଭିତରେ ସର୍ବାଙ୍ଗ ସୁନ୍ଦର ଭାବେ ତାହା ପ୍ରକଟିତ ହୋଇଥିଲା । ଅତଏବ ସେହି ଜ୍ୟୋତି ତାଙ୍କୁ ହିଁ ପ୍ରଦାନ କରାଯାଇଥିଲା ଓ ଅନୁରୂପ ଭାବରେ ଅନ୍ୟ ଯେଉଁମାନେ ବିଭିନ୍ନ ଦୃଷ୍ଟିରୁ ତାଙ୍କର ଅନୁଗତ ଥିଲେ ସେମାନଙ୍କୁ ମଧ୍ୟ କେତେକାଂଶରେ ସେହି ଜ୍ୟୋତି ପ୍ରଦାନ କରାଯାଇଥିଲା ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ଏହି ପରିପ୍ରେକ୍ଷୀରେ ହଜରତ ମସିହ ମଉଦ[ଅ.ସ]ଙ୍କ ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ସନ୍ଦର୍ଭ ଉପସ୍ଥାପନ କରି କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଶ୍ରେଷ୍ଠତା ଓ ଉଚ୍ଚାସନକୁ ଜାଣିବା, ଯାହାକି ଯୁଗାବତାରଙ୍କୁ ବେଶ ଭଲ ଭାବରେ (ଈଶ୍ୱର) ଅବଗତ କରିଥିଲେ । ତାହା ହୁଜୁର[ଅ.ସ] ଆମମାନଙ୍କୁ ମଧ୍ୟ ଶିକ୍ଷା ଅର୍ଥାତ୍ ବୁଝାଇ ଦେଲେ । ଏହା ସତ୍ତ୍ୱେ ଆମ ବିରୋଧୀମାନେ ଆମ ଉପରେ ଏହି ଲାଞ୍ଛନା ଲଗାଉଛନ୍ତି ଯେ ନଉଜୁବିଲ୍ଲାଃ ! ଆମେ ନବୀଶ୍ରେଷ୍ଠଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଅଛୁ ଏବଂ ହୁଜୁର[ସ.ଅ]ଙ୍କ ପରିବର୍ତ୍ତେ ହଜରତ ମସିହ ମଉଦ[ଅ.ସ]ଙ୍କର ଅଧିକ ମାନମର୍ଯ୍ୟାଦା ଓ ଶ୍ରେଷ୍ଠ ମଣୁଅଛୁ । ଅଲ୍ଲାଃତାଲା ସେମାନଙ୍କ କୁଚକ୍ରାନ୍ତରୁ ପ୍ରତ୍ୟେକ ଅହମଦିଙ୍କୁ ରକ୍ଷା କରନ୍ତୁ । ଆମିନ୍ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ହଜରତ ମୁହମ୍ମଦ[ସ.ଅ]ଙ୍କ ଅନ୍ଧାର ରାତିର ସ୍ୱୀକୃତି ପ୍ରାପ୍ତ ଦୁଆର ପ୍ରଭାବ ବର୍ଣ୍ଣନା କରି କହିଲେ; ହଜରତ ମସିହ ମଉଦ[ଅ.ସ] କୁହନ୍ତି; ମୁଁ ନିଜ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହା ଅବଲୋକନ କରୁଅଛି, **ଯେ ଦୁଆର ପ୍ରଭାବ ଜଳ ଓ ଅଗ୍ନିର ପ୍ରଭାବ ଠାରୁ ବଳି ଅଟେ** । ବରଂ ପବିତ୍ର ସ୍ୱଭାବ ସଂକ୍ରାନ୍ତରେ କୌଣସି ବସ୍ତୁ ଏପରି ପ୍ରଭାବଶାଳୀ ନୁହେଁ, ଯେପରିକି ଦୁଆର ରହିଛି । ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଏହି ପରିପ୍ରେକ୍ଷୀରେ ଦୁଆ ପ୍ରାର୍ଥନା କଲେ, ଅଲ୍ଲାଃତାଲା ସେହି ମାର୍ଗରେ ଆମମାନଙ୍କୁ ପରିଚାଳିତ କରାଇ ସ୍ୱୀକାର ଯୋଗ୍ୟ ଦୁଆ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ବାସ୍ତବରେ ସେହି ପ୍ରକୃତ ବିଶ୍ୱାସକାରୀ କରନ୍ତୁ, ଯିଏକି ଦୁଆ କରିବାର କର୍ତ୍ତବ୍ୟ ସମ୍ପାଦନ କରୁଥିବ ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ନମୁନାର ଅନୁକରଣ କରିବାକୁ ମଧ୍ୟ ପ୍ରୟାସ କରୁଥିବ ।

---

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

23rd January 2026

*Translated to Odia by :* Moulavi Anwar Ahmad Khan